# ଅମଳ ଧାନ ଖାଇଗଲେ ହାତୀପଲ

**ଦିଗପହଣ୍ଡି/ପାଟପୁର,୨୭।୧୨(ଡି.ଏନ.ଏ.):** ସାନଖେମୁଣ୍ଡି ବ୍ଲକ ଚୁଡୁଙ୍ଗପୁର ଗ୍ରାମ ନିକଟ ଧାନଖଳାରେ ପ୍ରାୟ ୧୦ କୁଇଣ୍ଟାଲ ଅମଳ ଧାନକୁ ହାତୀପଲ ଖାଇ ଦେଇଥିବା ଅଭିଯୋଗ ହୋଇଛି । ବୁଧବାର ବିଳମ୍ବିତ ରାତିରେ ସାହାସପୁର ରତନେଇ ଜଙ୍ଗଲରୁ ହାତୀପଲ ଚୁଡୁଙ୍ଗପୁର ଜନବସତିକୁ ମାଡ଼ି ଆସିଥିଲେ । ଧାନଖଳା ଜଗିଥିବା ଚାଷୀମାନେ ପ୍ରାଣ ବିକଳରେ ଛତ୍ରଭଙ୍ଗ ଦେଇଥିଲେ । ହାତୀପଲ ଧାନଗଦାଗୁଡ଼ିକୁ ନଷ୍ଟ କରିଦେବା ସହ ଅର୍ଜୁନ ପାତ୍ର ଓ ଭଗବାନ ପାତ୍ରଙ୍କ ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ଅମଳ ଧାନ ଖାଇ ଦେଇଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ଶନିବାର ଭୋର ପ୍ରାୟ ସାଢ଼େ ୪ଟାରେ ଧାନ ସଂଗ୍ରହ ପାଇଁ ଚାଷଜମିକୁ ଯାଇଥିବା ଗ୍ରାମର ଆର. ଜୁରିଆ ପାତ୍ର ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିଲେ । କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକୋ କରିଥିଲେ । ଶୁଦ୍ଧିକ୍ରିୟା ପାଇଁ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ସହାୟତା ମିଳିଥିଲା ।

# ରାସ୍ତାକଡ଼ରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଭଞ୍ଜନଗର,୨୭।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଭଞ୍ଜନଗର ପାୱାରହାଉସ୍ ଛକ ନିକଟରେ ରହୁଥିବା ଜଣେ ବ୍ୟବସାୟୀଙ୍କ ମୃତଦେହ ଗୁରୁବାର ସକାଳେ ତାଙ୍କ ଘର ନିକଟ ରାସ୍ତାକଡରୁ ମିଳିଛି । ସେ ହେଲେ ଉନା. କେଦାର ପାତ୍ର (୪୫) । କେଦାରଙ୍କୁ ତାଙ୍କ ସମ୍ପର୍କୀୟମାନେ ହତ୍ୟା କରିବା ପରେ ରାସ୍ତା କଡ଼ରେ ଫୋପାଡ଼ି ଦେଇଥିବା ତାଙ୍କ ସାନଭାଇ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି । ଭଞ୍ଜନଗର ପୋଲିସ ମେଡ଼ିକାଲ ସୂଚନା ଆଧାରରେ ନଂ.୩୦।୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇ ଦିଆଯାଇଛି ।

ପ୍ରକାଶ ଯେ, କେଦାର ୧୦ବର୍ଷ ପୂର୍ବେ ବ୍ରାହ୍ମଣିଗାଁ ଥାନା ଗଦାପୁର ଗ୍ରାମର କନ୍ୟାକୁମାରୀଙ୍କୁ ବିବାହ କରିଥିଲେ । ତାଙ୍କର ୩ ଝିଅ । ଭଞ୍ଜନଗର କୋର୍ଟ ନିକଟରେ ରାସ୍ତାକଡ଼ରେ କେଦାର କପଡ଼ା ବ୍ୟବସାୟ କରନ୍ତି । କୌଣସି କାରଣରୁ ସ୍ତ୍ରୀ ଗତ ମାସରେ ୨ଝିଅଙ୍କୁ ନେଇ ବାପ ଘରକୁ ଚାଲି ଯାଇଥିଲେ । ବଡଝିଅ କେଦାରଙ୍କ ଭେଜିପୁଟସ୍ଥିତ ଘରେ ବାପା-ମା'ଙ୍କ ନିକଟରେ ରହୁଥିଲେ । କେଦାର ପାୱାରହାଉସ୍ ଛକ ନିକଟରେ ଘର ଭଡ଼ାନେଇ ରହୁଥିଲେ । ମଙ୍ଗଳବାର ସେ ଶଶୁର ଘରକୁ ଯିବାକୁ କହି ବ୍ରହ୍ମପୁର ଦେଇ କେଉଁଆଡ଼େ ଯାଇଥିଲେ । ହେଲେ ଗୁରୁବାର ସକାଳେ ତାଙ୍କ ମୃତଦେହ ରାସ୍ତା କଡରୁ ମିଳିଥିଲା । କେଦାରଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ସୂଚନା ଦେଇଥିଲେ । କେଦାରଙ୍କ ଦେହରେ ଏକାଧିକ କ୍ଷତଚିହ୍ନ ଅଛି । ତେଣୁ ତାଙ୍କୁ କେହି ହତ୍ୟାକରି ମୃତଦେହକୁ ରାସ୍ତା କଡ଼ରେ ଫୋପାଡ଼ି ଦେଇଥିବା ସନ୍ଦେହ କରାଯାଉଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି । ଏନେଇ ଭଞ୍ଜନଗର ଥାନା ଅଧିକାରୀ ସୁଦିପ୍ତ ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ମେଡ଼ିକାଲ ସୂଚନାକୁ ଭିତ୍ତିକରି ଅପମୃତ୍ୟୁ ମାମଲା ରୁଜୁହୋଇଛି । ଘଟଣାଟି କନ୍ଧମାଳ ଜିଲାରେ ଘଟିଥିବା ଅଭିଯୋଗ ହେଉଛି । ତେଣୁ କନ୍ଧମାଳ ପୋଲିସ ଯାହାକିଛି କରିବ । ବ୍ରାହ୍ମଣୀଗାଁ ଥାନା ଅଧିକାରୀ ଜୟଚନ୍ଦ୍ର ମଲିକଙ୍କ ସହ ଯୋଗାଯୋଗ କରିବାରୁ ଗୁରୁବାର ଅପରାହ୍ନ ସୁଦ୍ଧା ଏଭଳି କିଛି ଅଭିଯୋଗ ଆସିନାହିଁଦ୍, ଆସିଲେ ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଦାରିଙ୍ଗବାଡିରେ ତାପମାତ୍ରା ବୃଦ୍ଧି

## ସର୍ବନିମ୍ନ ୧୦ ଡିଗ୍ରୀ, ପର୍ଯ୍ୟଟକ ନିରାଶ

**ଦାରିଙ୍ଗବାଡି,୨୭।୧୨(ଡି.ଏନ.ଏ)**

ଦାରିଙ୍ଗବାଡି,୨୭।୧୨(ଡି.ଏନ.ଏ)– ଓଡିଶାର କଶ୍ମୀର ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଗୁରୁବାର ଶୀତ କମିଯାଇଛି । ତାପମାତ୍ରା ୫.୫ ଡିଗ୍ରୀରୁ ବୃଦ୍ଧି ପାଇ ୧୦ରେ ପହଞ୍ଚିଥିବା ବ୍ଲକ ସୂତ୍ରରୁ ପ୍ରକାଶ । ଦୈନିକ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ରାଜ୍ୟ ଓ ରାଜ୍ୟ ବାହାରୁ ଆସି ଶୀତ କମିଥିବାରୁ ନିରାଶ ହୋଇଛନ୍ତି । ପାଗ ମେଘୁଆ ସହ ଶୀତ କମିଛି । ପ୍ରକାଶ ଯେ, ମଙ୍ଗଳବାର ଦାରିଙ୍ଗବାଡିରେ ୬ଡିଗ୍ରୀ ତାପମାତ୍ରା ରହିଥିବାବେଳେ ବୁଧବାର ସକାଳ ୮ଟା ପର୍ଯ୍ୟନ୍ତ ୫.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା । ଯାହା ଗୁରୁବାର ବୃଦ୍ଧିପାଇ ୧୦ ଡିଗ୍ରୀରେ ପହଞ୍ଚିଛି । ସୂଚନାଯୋଗ୍ୟ, ୨୦୧୭ର ଏହି ଦିନରେ ତାପମାତ୍ରା ୩ଡିଗ୍ରୀ ରହିବା ସହ ତୁଷାରପାତ ହୋଇଥିଲା ।

# ଆକ୍ରମଣ ମାମଲା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୨୭।୧୨(ଡି.ଏନ.ଏ.)**

ପାଟପୁର ପୋଲିସ ଆକ୍ରମଣ ମାମଲାରେ ଗୁରୁବାର ବଡାଗଡ଼ ଗ୍ରାମର ସନ୍ତୋଷ ଗୌଡ଼ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ନଂ. ୨୪୯/୧୮ରେ ଜାମିନ ନାମଞ୍ଜୁର ହେବାରୁ ସନ୍ତୋଷଙ୍କୁ ଦିଗପହଣ୍ଡି ସବଜେଲ ହାଜତକୁ ପଠାଇ ଦିଆଯାଇଛି । ମଙ୍ଗଳବାର ସକାଳେ ସନ୍ତୋଷ ଓ ତାଙ୍କ ପରିବାର ଲୋକେ ଗ୍ରାମର ଶିବ ଗୌଡ଼ ଓ ତାଙ୍କ ଭାଇ ଶଙ୍କରଙ୍କୁ ଆକ୍ରମଣ କରିଥିଲେ । ଏନେଇ ଶିବ ପାଟପୁର ଥାନାରେ ଏତଲା ଦେଇଥିଲେ । ଗୁରୁବାର ସକାଳେ ପୋଲିସ ସନ୍ତୋଷଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ଜଣ ଫେରାର ଅଛନ୍ତି ।

## ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବ୍ରହ୍ମପୁର (ଗଞ୍ଜାମ)

### ସାଧାରଣ ବୈଠକ

ନଂ. 4520/18-19 ତାରିଖ 27.12.2018

ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବ୍ରହ୍ମପୁର ଅନ୍ତର୍ଗତ ସମସ୍ତ ଅଂଶୀଦାର ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୭୩ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୧୨।୦୧।୨୦୧୯ରିଖ (ଶନିବାର) ଦିନ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ (ମୁଖ୍ୟ କାର୍ଯ୍ୟାଳୟ) ପରିସରରେ ଅନୁଷ୍ଠିତ ହେବ ।

ଅତଏବ, ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ର ସମସ୍ତ ଅଂଶୀଦାର ସମିତି ଦ୍ୱାରା ମନୋନୀତ ସଭ୍ୟ/ସଭ୍ୟା, ଉକ୍ତ ସାଧାରଣ ସଭାରେ ନିର୍ଦ୍ଦିଷ୍ଟ ତାରିଖ, ସ୍ଥାନ ଓ ସମୟରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ ।

ସ୍ୱା./– ଶ୍ରୀ ଚିତ୍ତ ରଂଜନ ପାଣିଗ୍ରାହୀ
ସମ୍ପାଦକ
ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ୍ ଲିଃ

**ବି.ଦ୍ରଃ** ସାଧାରଣ ସଭାରେ ପ୍ରତିନିଧିତ୍ୱ କରିବା ପାଇଁ ସମବାୟ ସମିତି ଆଇନ୍ ଅନୁସାରେ ସମିତି ନିଜ ପରିଚାଳନା ପରିଷଦ ଦ୍ୱାରା ଗୃହୀତ ପ୍ରସ୍ତାବର ଅବିକଳ ନକଲ ସମିତିର ସମ୍ପାଦକଙ୍କ ସ୍ୱାକ୍ଷର ଓ ସମିତିର ମୋହର ସହିତ ତା୧୧।୦୧।୨୦୧୯ରିଖ ସୁଦ୍ଧା ବ୍ୟାଙ୍କ୍ (ମୁଖ୍ୟ କାର୍ଯ୍ୟାଳୟ)କୁ ପଠାଇବାକୁ ଅନୁରୋଧ ।

**କାର୍ଯ୍ୟସୂଚୀଃ-**

୧. ପୂର୍ବ ଅଧିବେଶନ ବିବରଣୀ ପଠନ ଓ ଦୃଢୀକରଣ ।
୨. ୨୦୧୭–୨୦୧୮ ମସିହାର ସମୀକ୍ଷା ରିପୋର୍ଟ ପଠନ ଓ ଗ୍ରହଣ ।
୩. ୨୦୧୮–୧୯ ମସିହା ପାଇଁ ବାର୍ଷିକ ବ୍ୟବସାୟଗତ କାର୍ଯ୍ୟକ୍ରମ ଓ ବାର୍ଷିକ ଚିଠା ଅଟକଳ ଅନୁମୋଦନ ।
୪. ୨୦୧୭–୨୦୧୮ ବର୍ଷର ସମୀକ୍ଷା ନିମନ୍ତେ ନାବାର୍ଡଙ୍କ ଅନୁମୋଦିତ ତାଲିକା ଅନୁଯାୟୀ ସମୀକ୍ଷକ ନିଯୁକ୍ତିର ଅନୁମୋଦନ ।
୫. ୨୦୧୭–୨୦୧୮ ର ଲାଭାଂଶ ବଣ୍ଟନ ।
୬. ଉପନିବନ୍ଧକ ସମବାୟ ସମିତି ସମୂହ ବ୍ରହ୍ମପୁରଙ୍କ ଆଦେଶନାମା ସଂଖ୍ୟା ୩୩୨୮ ତାରିଖ ୧୩।୦୬।୨୦୧୮ ପଠନ ଓ ତଦ୍‌ଅନୁଯାୟୀ ବ୍ୟାଙ୍କର ଉପଦିଧିର ଧାରା ୧୮(i) ର ସଂଶୋଧନ ।
୭. ଅନ୍ୟାନ୍ୟ ବିଷୟ ସଭାପତିଙ୍କ ଅନୁମୋଦନ କ୍ରମେ ।





CLASSIFIED DISPLAY

BREAST REDUCTION
AUGMENTATION
LIPOSUCTION
ABDOMINOPLASTY
RHINOPLASTY
HAIR REMOVAL
XANTHELASMA
MOLES & WARTS REMOVAL
POST-ACNE SCAR TREATMENT
TATOO REMOVAL
HAEMANGIOMA
WRINKLE TREATMENT
FOR ALL YOUR QUERIES : 9238008828
LASER & COSMETIC SURGERY CLINIC
ASHWINI HOSPITAL
SEC.-1, CDA, CUTTACK.









## ସଂକ୍ଷେପରେ

ଖେଳ ପଡ଼ିଆ ଦୁର୍ନୀତି ମାମଲା

### ୪ ଅଭିଯୁକ୍ତଙ୍କ ଆତ୍ମ ସମର୍ପଣ

**ବ୍ରହ୍ମପୁର ଅଫିସ୍ ,୨୭।୧୨:** ଗଞ୍ଜାମ ଜିଲା ପୋଲସରା ବ୍ଲକ ଡେଙ୍ଗାପଦର ପଞ୍ଚାୟତ ମର୍ଦ୍ଦରାଜପୁର ଖେଳପଡିଆ ଦୁର୍ନୀତି ମାମଲାରେ ଗୁରୁବାର ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ୪ ଅଭିଯୁକ୍ତ ଆତ୍ମସମର୍ପଣ କରିଛନ୍ତି। ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ କୃଷ୍ଣଚନ୍ଦ୍ର ବରାଡ, ଜିଆରଏସ ପିଙ୍କି ଭୂୟାଁ, ପୂର୍ବତନ ସରପଞ୍ଚ ସୁକାନ୍ତ ଭୂୟାଁ ଓ ଗ୍ରାମ ସାଥୀ କବିରାଜ ଦାସଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର ହୋଇ ଆତ୍ମ ସମର୍ପଣ କରିଥିଲେ। ସେମାନଙ୍କ ଓକିଲ ପକ୍ଷରୁ ଜାମିନ ଆବେଦନ କରାଯିବା ପରେ ତା'ର ଶୁଣାଣି କରାଯାଇ ସର୍ତ୍ତମୂଳକ ଜାମିନ ମିଳିଥିବା ସୂଚନା ମିଳିଛି। ଏହି ମାମଲାରେ ପୂର୍ବରୁ କନିଷ୍ଠ ଯନ୍ତ୍ରୀ ଜଗବନ୍ଧୁ ଆଚାର୍ଯ୍ୟ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

ପ୍ରକାଶଥାଉକି, ୨୦୧୬ରେ ଏମ୍‌ଜିଏନଆରଇଜିଏସ୍ ଅନୁଦାନରେ ମର୍ଦ୍ଦରାଜପୁର ଗ୍ରାମ ଖେଳପଡିଆ ନାଁରେ ୪ ଲକ୍ଷ ୫୧ ହଜାର ୭୨୮ ଟଙ୍କା ଅଭିଯୁକ୍ତ ମାନେ ଆତ୍ମସାତ କରିଥିବା ନେଇ ହାଇକୋର୍ଟରେ ସାମାଜିକ କର୍ମୀ ସମରଜିତ୍ ମହାନ୍ତିଙ୍କ ପକ୍ଷରୁ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା।

### ଯନ୍ତ୍ରୀଙ୍କ ଆୟ ବହିର୍ଭୂତ ସମ୍ପତ୍ତି ବାଜ୍ୟାପ୍ତ

**କଟକ ଅଫିସ, ୨୭।୧୨:** ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ପାରଳାଖେମୁଣ୍ଡି ଜଳସେଚନ ଉପଖଣ୍ଡର ପୂର୍ବତନ ଯନ୍ତ୍ରୀ ପଦ୍ମଚରଣ ତ୍ରିପାଠୀଙ୍କ ଆୟ ବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟର ପ୍ରାଧିକୃତ ଅଧିକାରୀ ୭/୨୦୧୩ରେ ରୁଜୁ ହୋଇଥିବା ବାଜ୍ୟାପ୍ତି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଗୁରୁବାର ତ୍ରିପାଠୀଙ୍କର ୭ ଲକ୍ଷ ୪୭ହଜାର ୭୫୨ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତ କରିବାକୁ ଆଦେଶ ଦେଇଛନ୍ତି। ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୬/୧୯୯୬) ରୁଜୁ ହୋଇଥିଲା। ମାମଲାର ତଦନ୍ତ ପରେ ୨୦୦୦ ସେପ୍ଟେମ୍ବର ୧୯ ତାରିଖରେ କୋର୍ଟରେ ଚାର୍ଜଶିଟ ଦାଖଲ କରାଯାଇଥିଲା। ଚାର୍ଜଶିଟ୍‌ରେ ତ୍ରିପାଠୀ ୭ ଲକ୍ଷ ୪୭ ହଜାର ୭୫୨ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଦର୍ଶାଯାଇଥିଲା। ଉକ୍ତ ମାମଲାରେ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ତ୍ରିପାଠୀଙ୍କୁ ୨୦୧୫ ମାର୍ଚ୍ଚ ୧୮ ତାରିଖରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତିଗୁଡ଼ିକୁ ବାଜ୍ୟାପ୍ତ କରିବା ପାଇଁ କୋର୍ଟରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱତନ୍ତ୍ର ପିପି ଅଜୟ ପଟ୍ଟନାୟକ ଭିଜିଲାନ୍ସ ପକ୍ଷରୁ ମାମଲା ପରିଚାଳନା କରୁଥିଲେ।

### ଭାଜପା ଛାଡ଼ିଲେ ଶରତ

**ଛତ୍ରପୁର,୨୭।୧୨(ଡି.ଏନ.ଏ.):** ଛତ୍ରପୁର ବ୍ଲକ ବଉଳଗାଁ ପଞ୍ଚାୟତର ଶରତ କୁମାର ପାଢୀ ଭାଜପା ଦଳ ଛାଡିଛନ୍ତି। ଏ ସମ୍ପର୍କରେ ପାଢୀ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ବ୍ୟକ୍ତିଗତ କାରଣରୁ ଭାଜପା ଛାଡିଥିବା ସେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ସିପିଆଇ ଛାଡି ୧୯ ତାରିଖରେ ଗଞ୍ଜାମ ବ୍ଲକ ହୁମ୍ମା ପାଦୁକାଇ ମନ୍ଦିରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗଦେଇ ପାଢୀ ଭାଜପା ରାଜ୍ୟ ନେତୃବର୍ଗଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିଲେ।

■ ସମୁଦ୍ର ଭିତରେ ଚାଲିଛି ଅଲିଭ୍ ରିଡ୍‌ଲେଙ୍କ ମିଳନ

# ଅତିଥିଙ୍କ ଆଗମନକୁ ଅନାଇଛି ବାହୁଦା

ବ୍ରହ୍ମପୁର ଅଫିସ,୨୭।୧୨




ଅଲିଭ୍ ରିଡ୍‌ଲେଙ୍କ ଆଗମନ ପାଇଁ ଗଞ୍ଜାମ ଜିଲା ରଷିକୁଲ୍ୟା ମୁହାଣ କେବଳ ଓଡ଼ିଶା ନୁହେଁ, ଭାରତ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ପ୍ରତି ବର୍ଷ ବହୁ ଲକ୍ଷ ଅଲିଭ୍ ରିଡ୍‌ଲେ କଇଁଛ ମୁହାଣକୁ ଅଣ୍ଡା ଦେବାକୁ ଆସିଥାନ୍ତି। ଦେଢ଼ମାସ ପରେ ସେହି ଅଣ୍ଡାରୁ ବାହାରିଥିବ ଛୁଆଙ୍କ କୁନି ପାଦ ପଡ଼ିବା ପରେ ରଷିକୁଲ୍ୟା ମୁହାଣ ହୋଇପଡ଼େ ଉତ୍ସବମୁଖର। ତେବେ ରଷିକୁଲ୍ୟା ବ୍ୟତୀତ ଚଳିତ ବର୍ଷ ବାହୁଦା ମୁହାଣ ଅଲିଭ୍ ରିଡ୍‌ଲେ କଇଁଛଙ୍କ ନୂଆ ଠିକଣା ହେବାକୁ ଯାଉଛି। ବହୁ ସଂଖ୍ୟାରେ ଏହି ବିଦେଶୀ ଅତିଥି ଅଣ୍ଡା ଦେବା ପାଇଁ ବାହୁଦା ମୁହାଣକୁ ଆସିବାର ସମ୍ଭାବନା ରହିଛି। ଏହାକୁ ନେଇ ବେଶ୍ ତତ୍ପର ହୋଇପଡ଼ିଛି ବନ ବିଭାଗ। କଇଁଛଙ୍କ ସୁରକ୍ଷା ଏବଂ ଉପକୂଳରେ ଅନୁକୂଳ ପରିବେଶ ସୃଷ୍ଟିକରିବା ପାଇଁ ବିଭାଗ ତରଫରୁ ଯୋଜନା ପ୍ରସ୍ତୁତ ଚାଲିଛି।

ବ୍ରହ୍ମପୁର ବନ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରାୟ ତିନି କି.ମି. ଯାଏ ବାହୁଦା ମୁହାଣର ସୋନପୁରରୁ ଅନନ୍ତପୁର ଯାଏ ସମୁଦ୍ର ଉପକୂଳ ଲମ୍ବିଛି। ଏହି ଅଞ୍ଚଳକୁ ଅଣ୍ଡଦାନ ସ୍ଥାନ ଭାବେ ଚିହ୍ନଟ କରାଯାଇଛି। ରଷିକୁଲ୍ୟା ମୁହାଣରୁ ବାହୁଦା ମୁହାଣର ଦୂରତା ପ୍ରାୟ ୨୦କି.ମି.। ଗତ ଅନେକ ବର୍ଷ ହେଲା ରଷିକୁଲ୍ୟା ମୁହାଣକୁ ବିଦେଶୀ ଅଲିଭ୍ ରିଡଲେ କଇଁଛମାନେ ଅଣ୍ଡାଦାନ ପାଇଁ ପସନ୍ଦ କରିଥାନ୍ତି। ଏପରିକି ଓଡ଼ିଶାର ଅନ୍ୟ ଅଞ୍ଚଳ ଅପେକ୍ଷା ଗତ ବର୍ଷ ରଷିକୁଲ୍ୟା ମୁହାଣକୁ ଅଲିଭ୍ ରିଡ୍‌ଲେଙ୍କ ଆଗମନ ବହୁ ସଂଖ୍ୟାରେ ଅଧିକ ରହିଥିଲା। କିନ୍ତୁ ନୂତନ ଠିକଣା ଭାବେ ଗତ ବର୍ଷ ଅଲିଭ ରିଡ୍‌ଲେ୍ କଇଁଛମାନେ ବାହୁଦା ମୁହାଣକୁ ବାଛିଥିଲେ। କେତେକ କଇଁଛ ବାହୁଦା ମୁହାଣରେ ଅଣ୍ଡାଦାନ କରିଥିଲେ। ଏହା ବନ ବିଭାଗ ଅଧିକାରୀ ଏବଂ ସ୍ଥାନୀୟ ଅଞ୍ଚଳରେ ଖୁସି ଖେଳାଇ ଦେଇଥିଲା। ସେମାନଙ୍କ ସୁରକ୍ଷା ପାଇଁ ନାନା ପଦକ୍ଷେପ ନିଆଯାଇଥିଲା। ହେଲେ ଚଳିତ ବର୍ଷ ମଧ୍ୟ ବାହୁଦା ମୁହାଣକୁ ଅଲିଭ୍ ରିଡ୍‌ଲେମାନେ ଅଣ୍ଡାଦାନ ପାଇଁ ଆସିବାର ସମ୍ଭାବନା ଥିବା ବନ ବିଭାଗ ତରଫରୁ କୁହାଯାଇଛି। ବାହୁଦା ମୁହାଣକୁ ଅଲିଭ୍ ରିଡ୍‌ଲେଙ୍କ ଆଗମନର ସମ୍ଭାବନା ରହିଥିବା ଯୋଗୁ ବିଭାଗ ତରଫରୁ ଏହାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ମୁହାଣ ଅଞ୍ଚଳରେ ପଡ଼ିଥିବା ଆବର୍ଜନା ଏବଂ ପ୍ଲାଷ୍ଟିକ୍ ଓ ପଲିଥିନ୍‌କୁ ସଫା କରାଯାଇଛି। ତଥାପି ଆସନ୍ତା ଫେବୃୟାରୀରେ ଅଣ୍ଡଦାନ ସମୟରେ ପୁଣି ଥରେ ସଫା କରାଯିବ। ସେହିଭଳି ମୁହାଣର ୨ କି.ମି. ଅଞ୍ଚଳ ପର୍ଯ୍ୟନ୍ତ ତାର ଜାଲି ଭିଡ଼ାଯିବ। ଫଳରେ ଅଣ୍ଡା ଏବଂ ସେଥିରୁ ବାହାରିବାକୁ ଥିବା ଛୁଆଗୁଡ଼ିକ ସୁରକ୍ଷିତ ରହିପାରିବେ। ଏପରିକି କୌଣସି ଆଗମନକାରୀ ଆକ୍ରମଣ କରିପାରିବେ ନାହିଁ। ବାହୁଦା ମୁହାଣ ଅଲିଭ୍ ରିଡ୍‌ଲେଙ୍କ ନୂଆ ଠିକଣା ହେବାକୁ ଯାଉଥିବା ଯୋଗୁ ଏହା ଆମ ସମସ୍ତଙ୍କ ପାଇଁ ଖୁସିର ବିଷୟ ବୋଲି ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ, ଗତ ଥର ବହୁ ସଂଖ୍ୟାରେ ଅଲିଭ ରିଡଲେ୍ କଇଁଛ ବାହୁଦା ମୁହାଣରେ ଅଣ୍ଡାଦାନ କରିଥିଲେ। ଚଳିତ ଥର କେତେକ ଅଲିଭ୍ ରିଡ୍‌ଲେ ସମୁଦ୍ର ଭିତରେ ମିଳନରେ ଥିବା ଦେଖିବାକୁ ମିଳିଥିଲା। ଏଣୁ ନିକଟସ୍ଥ ମୁହାଣକୁ ଅଣ୍ଡାଦାନ କରିବାକୁ ଆସିବେ ବୋଲି ବନ ବିଭାଗ ଆଶା ରଖିଛି। ଆଖାପାଖ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରେ ମାଛ ମାରିବା ବେଳେ ପ୍ଲାଷ୍ଟିକ୍ ଜାଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଏଦିଗରେ ଅଞ୍ଚଳବାସୀଙ୍କ ସହଯୋଗ ନିଆଯାଉଛି। ପ୍ରାୟ ଦୁଇ ଦଶନ୍ଧି ପୂର୍ବରୁ ବାହୁଦା ମୁହାଣକୁ ଅଲିଭ୍ ରିଡ୍‌ଲେ୍ କଇଁଛମାନେ ଅଣ୍ଡାଦାନ ପାଇଁ ଆସୁଥିଲେ। କାଳକ୍ରମେ ବିଭିନ୍ନ କାରଣରୁ ଏହା ବନ୍ଦ ହୋଇଯାଇଥିଲା। ଚଳିତ ଥର ପୁଣି ଥରେ କଇଁଛଙ୍କ ଆଗମନ ସମ୍ଭାବନା ଥିବା ଯୋଗୁ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆନନ୍ଦ ଦେଖାଦେଇଛି। ପିକ୍‌ନିକ୍ କରିବାକୁ ଆସୁଥିବା ଲୋକମାନଙ୍କୁ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଉଛି। କେବଳ ବନ ବିଭାଗ କିମ୍ବା ସ୍ଥାନୀୟ ଅଞ୍ଚଳବାସୀ ନୁହଁ, ଦୀର୍ଘ ବର୍ଷ ପରେ ଅଲିଭ୍ ରିଡଲେ୍‌ଙ୍କ ଆଗମନକୁ ଅନାଇ ରହିଛି ବାହୁଦା ମୁହାଣ।

■ ଏସ୍‌ଏସ୍ କ୍ରେଡିଟ୍ ଚିଟ୍ ଫଣ୍ଡ ଠକେଇ ମାମଲା

# ୭ ଦୋଷୀ ସାବ୍ୟସ୍ତ

ବ୍ରହ୍ମପୁର ଅଫିସ୍, ୨୭।୧୨


ଏସ୍‌ଏସ୍ କ୍ରେଡିଟ୍ ଚିଟ୍‌ଫଣ୍ଡ ସଂସ୍ଥା ମୁଖ୍ୟ ସନ୍ତୋଷ ତିଆଡି।

ଗଞ୍ଜାମ ଜିଲା ବୁଗୁଡାରେ ଏସ୍‌ଏସ୍ କ୍ରେଡିଟ୍ କୋଅପରେଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା ଠକେଇ ମାମଲାରେ ବ୍ରହ୍ମପୁର ଚିଟ୍‌ଫଣ୍ଡ କୋର୍ଟ ଜଜ୍ ଦୀପ୍ତିରଞ୍ଜନ କାନୁନ୍‌ଗୋ ଗୁରୁବାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ସଂସ୍ଥା ମୁଖ୍ୟଙ୍କ ସମେତ ୭ ଜଣଙ୍କୁ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ସଂସ୍ଥା ମୁଖ୍ୟ ସନ୍ତୋଷ ତିଆଡିଙ୍କୁ ୫ ବର୍ଷ ଜେଲ୍ ଦଣ୍ଡ ସହିତ ୨୨ ଲକ୍ଷ ୫୦ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସଂସ୍ଥାର ଅନ୍ୟ ୬ ପାର୍ଟନର୍ ସନ୍ତୋଷଙ୍କ ସ୍ତ୍ରୀ ସୌଦାମିନୀ ତ୍ରିପାଠୀ, ଶେଖର ସୁମନ ତିଆଡି, ସୁଶାନ୍ତ କୁମାର ଶତପଥୀ, ଟି.ସଞ୍ଜୀବ କୁମାର ପାତ୍ର ଓ ଟି. ରାଜୀବ କୁମାର ପାତ୍ରଙ୍କୁ ୨ ବର୍ଷ ଲେଖାଏ ଜେଲଦଣ୍ଡ ସହିତ ୩ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅର୍ଥ ଆଦାୟ ପରେ ଜମାକାରୀଙ୍କ ଜମା ଟଙ୍କା ଫେରସ୍ତ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଚିଟ୍‌ଫଣ୍ଡ କୋର୍ଟ ସ୍ୱତନ୍ତ୍ର ପିପି ବିଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶଯେ, ୨୦୦୮ରୁ ବୁଗୁଡା ଅଞ୍ଚଳରେ ଏସ୍‌ଏସ୍ କ୍ରେଡିଟ୍ କୋଅପରେଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ଚିଟ୍‌ଫଣ୍ଡ ସଂସ୍ଥା ସ୍ଥାପନ କରି ସଂସ୍ଥା ମୁଖ୍ୟ ସନ୍ତୋଷ ପ୍ରାୟ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ କରିବା ନେଇ ଅଭିଯୋଗ ଆସିବା ପରେ ୨୦୧୪ରେ ୭ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୧୪ରୁ ସନ୍ତୋଷ ଗିରଫ ହୋଇ ବିଚାରାଧୀନ ବନ୍ଦୀ ଭାବେ ରହିଆସିଥିବା ବେଳେ ଅନ୍ୟ ୬ଜଣ ଜାମିନରେ ଆସିଥିଲେ। ଗୁରୁବାର ସନ୍ତୋଷ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଇ ଦିଆଯାଇଛି। ଅନ୍ୟ ୬ଜଣଙ୍କର ଜାମିନ ଆବେଦନ ହେବା ପରେ ଅଦାଲତ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ଜଣାଯାଇଛି।

■ ଗଞ୍ଜେଇ ଚୋରା ଚାଲାଣ ମାମଲା

# ୩ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବ୍ରହ୍ମପୁର ଅଫିସ୍,୨୭।୧୨

ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଗୁରୁବାର ପ୍ରଥମ ଅତିରିକ୍ତ ଜିଲା ଦୌରା ଜଜ୍ ସଞ୍ଜୟ କୁମାର ସାହୁ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯିବା ନେଇ ରାୟ ପ୍ରକାଶ କରିଛନ୍ତି। ମାମଲାର ବିଚାର ଚାଲିଥିବା ସମୟରେ ୫ ସାକ୍ଷୀଙ୍କ ସାକ୍ଷ୍ୟ ବୟାନ ଗ୍ରହଣ କରାଯାଇଥିଲା। ହେଲେ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ଅଭିଯୁକ୍ତ ପଶ୍ଚିମବଙ୍ଗ ମୁର୍ଶିଦାବାଦ୍ ଅଞ୍ଚଳର ଝୁଣ୍ଟୁ ସରକାର୍, ମେହଦି ହାସନ୍, ମନିରୁଲ୍ ଶେଖ୍‌ଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିବା ବରିଷ୍ଠ ଆଇନଜୀବୀ କେ.କେ.ବେହେରା ଓ ରମେଶଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ୨୦୧୬ ମାର୍ଚ୍ଚ ୩ରେ ବ୍ରହ୍ମପୁର ନୂଆବସ୍‌ଷ୍ଟାଣ୍ଡ ରାସ୍ତାରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଆଗୁଆ ସୂଚନା ପାଇ ତଲାସୀ ଆରମ୍ଭ କରାଯାଇଥିଲା। ଏହି ସମୟରେ ଏକ କାର୍‌ର ପଛପଟୁ ତିନୋଟି ବସ୍ତା ଭର୍ତ୍ତି ୭୭କେଜି ଗଞ୍ଜେଇ ଜବତ କରାଯାଇଥିବା ବେଳେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା।

# ଯାତ୍ରୀବାହୀ ବସ୍ ଧକ୍କା ୩ ଗୁରୁତର

ବ୍ରହ୍ମପୁର ଅଫିସ୍/କନିଷି/ଗୋପାଳପୁର,୨୭।୧୨



ଦୁର୍ଘଟଣା ଗ୍ରସ୍ତ ଖମ୍ବେଶ୍ୱରୀ ବସ୍।

ବ୍ରହ୍ମପୁର ପଲାସା ୧୬ ନଂ. ଜାତୀୟ ରାଜପଥର ସୁରଳା ରୋଡ୍ ଜଙ୍କସନ୍‌ରେ ଗୁରୁବାର ସକାଳେ ଦୁଇ ଯାତ୍ରୀବାହୀ ବସ୍ ମୁହଁ ମୁହିଁ ଧକ୍କା ହେବା ଦ୍ୱାରା ୩ ଜଣ ଗୁରୁତର ହୋଇଥିବା ଜଣାପଡିଛି। ଆହତମାନେ ହେଲେ ଜରଡା ଥାନା ସପଙ୍ଗ ଗ୍ରାମର ଆଲୋକ ପ୍ରଧାନ, ଗଣେଶ ପ୍ରଧାନ ଏବଂ ଅନ୍ୟଜଣଙ୍କ ପରିଚୟ ଅସ୍ପଷ୍ଟ ରହିଛି। ସମସ୍ତଙ୍କୁ ଉଦ୍ଧାର କରାଯାଇ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି।

ପ୍ରକାଶଯେ, ମାଲକାନଗିରିରୁ ଭୁବନେଶ୍ୱର ଅଭିମୁଖେ ଖମ୍ବେଶ୍ୱରୀ ନାମକ ଏକ ଯାତ୍ରୀବାହୀ ବସ୍ ନଂ. ଓଡି ୦୭ ବି ୮୧୯୧ ଯାଉଥିବା ବେଳେ ସୁରଳା ରୋଡ୍ ଜଙ୍କସନ୍‌ରେ ଲିଟୁ ଆଣ୍ଡ୍ ଲିଟୁ ନାମକ ଏକ ଯାତ୍ରୀ ବାହୀ ବସ ନଂ.ଓଡି ୦୭ କ୍ୟୁ ୯୦୪୫ ସହିତ ମୁହାଁମୁହିଁ ଧକ୍କା ହୋଇ ଦୁର୍ଘଟଣା ଘଟିଥିଲା। ଫଳରେ ଖମ୍ବେଶ୍ୱରୀ ବସ୍ ରାସ୍ତା ପାର୍ଶ୍ୱରେ ଥିବା ଏକ ଚାଷ ଜମିକୁ ପଶିଯାଇଥିବା ବେଳେ ଅନ୍ୟଟି ରୋଡ୍ ଡିଭାଇଡର୍ ଉପରକୁ ଚଢିଯାଇଥିଲା। କୁହୁଡି ଯୋଗୁ ସମ୍ମୁଖପଟ ଦେଖାଯାଉ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏନେଇ ନଂ ୨୩୯/୧୮ରେ ଗୋଳନ୍ଥରା ପୋଲିସ ଏକ ମାମଲା ରୁଜୁ କରି ଉଭୟ ଗାଡିକୁ ଜବତ କରି ତଦନ୍ତ ଚଳାଇଥିବା ଆଇଆଇସି ଆଲୋକ ଜେନା କହିଛନ୍ତି।

## ଜାମିନ ପାଇଲେ ବିପିଏମ୍

ବ୍ରହ୍ମପୁର ଅଫିସ୍,୨୭।୧୨

ଜଣେ ଆଶାକର୍ମୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ ପାଇଁ ୨ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ପକ୍ଷରୁ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିପିଇଏମ ଏନ.ନିରଞ୍ଜନ ରେଡ୍ଡୀଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜଜ୍ ଇଶାନ କୁମାର ଦାସ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିବା ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ନରସିଂହ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରକାଶ ଯେ,ସୁରଙ୍ଗୀ ସାହାସପୁର ଗ୍ରାମର ତାଲିମପ୍ରାପ୍ତ ଆଶା କର୍ମୀ ବନୀତା ନାୟକଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନିଯୁକ୍ତି ପତ୍ର ପ୍ରଦାନ କରିବା ପାଇଁ ସମ୍ପୃକ୍ତ ବିପିଇଏମ୍ ନିରଞ୍ଜନ ୨ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

# ସେକ୍ସ ର୍‍ୟାକେଟ୍ ଠାବ, ୩ ଗିରଫ



ଗିରଫ ଦୁଇ ଗ୍ରାହକ।

ବ୍ରହ୍ମପୁର ଅଫିସ୍,୨୭।୧୨

ବ୍ରହ୍ମପୁର ଟାଉନ ଥାନା ପୋଲିସ ଗାନ୍ଧୀନଗର ତୃତୀୟଲେନ୍ ଅଞ୍ଚଳର ଏକ ଭଡା ଘରେ ଚାଲିଥିବା ସେକ୍ସ ରାକେଟ୍ ଗୁରୁବାର ଠାବ କରିଛି। ଚଢାଉ ବେଳେ ଜଣେ ବିବାହିତ ମହିଳାଙ୍କ ସମେତ ଅନ୍ୟ ଦୁଇ ଜଣ ଗ୍ରାହକଙ୍କୁ ଆପତ୍ତିଜନକ ସ୍ଥିତିରେ ଉଦ୍ଧାର କରିଛି। ଗିରଫ ମାନେ ହେଲେ କନ୍ଧମାଳ ଜିଲା ଚକାପାଦ ଅଞ୍ଚଳର ଜଣେ ମହିଳା ଏବଂ ୨ ଗ୍ରାହକ ହେଲେ ବ୍ରହ୍ମପୁର ନୂଆକାଲୁପାତ୍ର ସାହିର ରାହୁଲ କୁମାର ସାହୁ (୩୦) ଓ ଆଇନାବନ୍ଧ ସାହିର ମିଟୁ କୁମାର ପାତ୍ର (୨୫)। ପ୍ରକାଶଯେ, ଗାନ୍ଧୀନଗର ତୃତୀୟଲେନ୍‌ର ଏକ ଭଡା ଘରେ ସେକ୍ସ ର୍‍ୟାକେଟ୍ ଚାଲିଥିବା ପୋଲିସ ଖବର ପାଇଥିଲା। ସେଠାରେ ଚଢାଉ କରାଯାଇଥିଲା। ଟାଉନରେ ନଂ. ୨୬୪/୧୮ରେ ମାମଲା ରୁଜୁ ହୋଇଥିବା ଆଇଆଇସି ନୀହାର ରଞ୍ଜନ ପ୍ରଧାନ କହିଛନ୍ତି। କେନ୍ଦ୍ରାପଡା ଅଞ୍ଚଳର ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି।

# ରାଜନୀତି ବିଜ୍ଞାନ ବିଭାଗ ଆଲୋଚନାଚକ୍ର ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୨୭।୧୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ରାଜନୀତି ବିଜ୍ଞାନ ବିଭାଗ ଓ ଆଇସିଏସଏସଆର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ପରିବର୍ତ୍ତନଶୀଳ ଭାରତୀୟ ବୈଦେଶିକ ନୀତି: ପ୍ରସଙ୍ଗ ଏବଂ ଆହ୍ୱାନ' ଶୀର୍ଷକ ଦୁଇଦିନିଆ ଆଲୋଚନା ଚକ୍ର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବାରାଣସୀ ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ସଞ୍ଜୟ ଶ୍ରୀବାସ୍ତବ, ଏକାମ୍ର କଲେଜ ସଂସ୍କୃତ ବିଭାଗ ପ୍ରଫେସର ଗୋପାଳ ମହାପାତ୍ର, ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଫେସର ଗୀତାଞ୍ଜଳି ଦାଶ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ବିଷ୍ଣୁ ଚରଣ ଚୌଧୁରୀ ପ୍ରମୁଖ ବକ୍ତାଭାବେ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମର ଆବାହକ ଡ. ସାରଦା ପ୍ରସନ୍ନ ରାଉତ ମଞ୍ଚାସୀନ ଥିଲେ। ବିଶ୍ୱବିଦ୍ୟାଳୟ ରାଜନୀତି ବିଭାଗ ମୁଖ୍ୟ ଡ. ଦାଶରଥି ଭୂୟାଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡ. ରାଜେଶ ସେଠ୍ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତ ଅଧ୍ୟୟନ କେନ୍ଦ୍ର ବନାରସର ବିଭାଗୀୟ ମୁଖ୍ୟ ରାକେଶ ଉପାଧ୍ୟାୟ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ତପନ ବିଶ୍ୱାଳ, ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଶ୍ୱିନୀ ମହାପାତ୍ର, ମିଜୋରାମ ବିଶ୍ୱବିଦ୍ୟାଳୟ ପ୍ରଫେସର ଜଗଦୀଶ ପଟ୍ଟନାୟକ, ଅରୁଣାଞ୍ଚଳ ପ୍ରଦେଶର ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଯଯାତି ପଟ୍ଟନାୟକ, ଜାମିଆ ମିଲିଆ ଇସଲାମିଆ ବିଶ୍ୱବିଦ୍ୟାଳୟ ଦିଲ୍ଲୀର ପ୍ରଫେସର ଅଲିଭା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଉପରୋକ୍ତ ଶୀର୍ଷକ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ବିଶେଷକରି ଅନ୍ତର୍ଜାତୀୟ ଗ୍ଲୋବାଲ ୱାର୍ମିଂ, ପରମାଣୁ ଶକ୍ତିର ନିରସ୍ତ୍ରୀକରଣ, ବିଶ୍ୱ ପୃଷ୍ଠଭୂମିରେ ଭାରତର ଉଦୀୟମାନ ଶକ୍ତି, ବିଶ୍ୱ ଶାନ୍ତି, ଚାଇନା ଆଧିପତ୍ୟର ପ୍ରତିରୋଧ, ପଡୋଶୀଙ୍କ ସହ ସୁସମ୍ପର୍କ ସ୍ଥାପନ, ଅନ୍ତର୍ଜାତୀୟ ବାଣିଜ୍ୟର ଅଭିବୃଦ୍ଧି ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଯୋଗଦେଇଥିବା ୩୫ରୁ ଊର୍ଦ୍ଧ୍ୱ ଗବେଷିକା, ଗବେଷକ ଉପରୋକ୍ତ ଶୀର୍ଷକ ଉପରେ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ୬୦ରୁ ଊର୍ଦ୍ଧ୍ୱ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷିକା ଗବେଷକ, ଅଧ୍ୟାପିକା ଅଧ୍ୟାପକ ଏହି ଆଲୋଚନା ଚକ୍ରରେ ଭାଗ ନେଇଥିଲେ।

# ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ


ସଂଘର ଦକ୍ଷିଣାଞ୍ଚଳ ଜୋନ୍ କର୍ମକର୍ତ୍ତାମାନେ।

ବ୍ରହ୍ମପୁର ଅଫିସ,୨୭।୧୨

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସଂଘର ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘର ରାଜ୍ୟ କର୍ମକର୍ତ୍ତାଙ୍କ ସମେତ ଦକ୍ଷିଣାଞ୍ଚଳ ଜୋନ୍ କର୍ମକର୍ତ୍ତା ଚୟନ କରାଯାଇଥିଲା। କ୍ଷୀରୋଦ କୁମାର ସେଠୀ ବ୍ରହ୍ମପୁର ସିଟି ସର୍କଲ୍ ସମ୍ପାଦକ ହୋଇଥିବା ବେଳେ ଜୟପୁର ସର୍କଲ୍ ସମ୍ପାଦକ ଭାବେ ଡି.ଏନ୍. ରାଓ, ରାୟଗଡ଼ା ସର୍କଲ୍ ସମ୍ପାଦକ ଭାବେ ପି.ସି. ମହାପାତ୍ର, ଭଞ୍ଜନଗର ସର୍କଲ୍ ସମ୍ପାଦକ ଟି. ମୋହନ ସରାଫ୍, ଆସିକା ସର୍କଲ୍ ସମ୍ପାଦକ ଲାବଣ୍ୟନିଧି ମଲ୍ଲିକ, ବ୍ରହ୍ମପୁର ସର୍କଲ୍ ସମ୍ପାଦକ ଭାବେ ବିଜୟ ବିଷୋୟୀଙ୍କୁ ଚୟନ କରାଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ମହାନ୍ତି ଏବଂ କୋଷାଧ୍ୟକ୍ଷ ଭାବେ ସଞ୍ଜୀବ ପ୍ରସାଦ ବେହେରାଙ୍କୁ ସର୍ବସମ୍ମତରେ ମନୋନୀତ କରାଯାଇଥିଲା। ସେହିଭଳି ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ମହାପାତ୍ର ଏବଂ ସଭାପତି ଅକ୍ଷୟ କୁମାର ତ୍ରିପାଠୀଙ୍କୁ ଚୟନ କରାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ସଂଘ ସଦସ୍ୟମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା।

■ ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଦୁଇଫାଳ

# ଦୁଇ ସ୍ଥାନରେ ହେବ ବାର୍ଷିକ ଅଧିବେଶନ

ବ୍ରହ୍ମପୁର ଅଫିସ,୨୭।୧୨

ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ଦୁଇ ଫାଳ ହୋଇଯାଇଛି। ବ୍ରହ୍ମପୁରର ବରିଷ୍ଠ ଓକିଲ ଶିଶିର କୁମାର ପାଢ଼ୀ ସଭାପତି ଥିବା ସଂଘର ୪୭ତମ ବାର୍ଷିକ ଅଧିବେଶନ ଦିଗପହଣ୍ଡି ଅଦାଲତ ପରିସରରେ ଡିସେମ୍ବର ୩୦ରେ ଅନୁଷ୍ଠିତ ହେବାର ଚୂଡ଼ାନ୍ତ ହୋଇଛି। ଅପରପକ୍ଷରେ ରାଜ୍ୟ ସଂଘର ୪୭ତମ ସମ୍ମିଳନୀ ଆସନ୍ତା ୨୯ରୁ ଦୁଇଦିନ ଧରି ଭୁବନେଶ୍ୱର ବିଜେବି କଲେଜ ପଡ଼ିଆରେ ହେବାର ସଭାପତି ଜ୍ଞାନ ରଞ୍ଜନ ମହାନ୍ତି ସୂଚନା ଦେଇଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ତେଣୁ ସଂଘ ଦୁଇଫାଳ ହୋଇଯାଇଥିବା ସ୍ପଷ୍ଟ ହୋଇଛି।

ସୂଚାନଯୋଗ୍ୟ, ବ୍ରହ୍ମପୁରରେ ଗଣମାଧ୍ୟମକୁ ଶିଶିର ପାଢ଼ୀ କହିଥିଲେ ଖେମୁଣ୍ଡି ଓକିଲ ସଂଘ ଆନୁକୂଲ୍ୟରେ ଆସନ୍ତା ୩୦ରେ ଦିଗପହଣ୍ଡିରେ ହେବାକୁ ଥିବା ଅଲ ଓଡ଼ିଶା ଲୟର୍ସ ଆସୋସିଏଶନର ଦିନିକିଆ ବାର୍ଷିକ ଅଧିବେଶନ ପାଇଁ ସମସ୍ତ ପ୍ରସ୍ତୁତି ଜୋରଦାର ଚାଲିଛି। ଏଥିରେ ରାଜ୍ୟର ୧୬୦ରୁ ଊର୍ଦ୍ଧ୍ୱ ବାର ଆସୋସିଏଶନର ହଜାରେରୁ ଅଧିକ କର୍ମକର୍ତ୍ତା ଓ ସଦସ୍ୟା, ସଦସ୍ୟ ଯୋଗଦେବେ। ପ୍ରଚଳିତ ବିଚାର ବ୍ୟବସ୍ଥାର ସଂସ୍କାର ଏବଂ ଆଇନଜୀବୀଙ୍କ ସ୍ୱାର୍ଥ ଓ ଜନସ୍ୱାର୍ଥ ସମ୍ବଳିତ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଅବସରପ୍ରାପ୍ତ ବିଚାରପତି, ବରିଷ୍ଠ ଓ ଅଭିଜ୍ଞ ଆଇନଜୀବୀମାନେ ଏଥିରେ ଭାଗନେବେ। ଏହି ଅବସରରେ ନିୟମ ପ୍ରକାରେ ଆସନ୍ତା ଦୁଇବର୍ଷ ପାଇଁ ରାଜ୍ୟ ସଂଘର କର୍ମକର୍ତ୍ତା ନିର୍ବାଚିତ ହେବ। ଦ ଲୟର୍ସ ନାମକ ସ୍ମରଣିକା ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହେବ।

ସଭାପତି ପାଢ଼ୀ ଓ ସଂଗଠନ ସମ୍ପାଦକ ନିରଞ୍ଜନ ନାୟକ କହିଛନ୍ତି, ୨୦୧୬ ଡିସେମ୍ବର ଶେଷରେ ରାଜ୍ୟ ସଂଘର ବାର୍ଷିକ ଅଧିବେଶନ ଛତ୍ରପୁରରେ ହୋଇଥିଲା। ତତ୍କାଳୀନ କର୍ମକର୍ତ୍ତାମାନେ ନିୟମାନୁସାରେ ନିର୍ବାଚନ କରାଇ ଦେଇ ନ ଥିଲେ। ସେମାନେ ପୁନର୍ବାର କର୍ମକର୍ତ୍ତା ହୋଇଥିବା ଅଗଣତାନ୍ତ୍ରିକ ଭାବେ ଘୋଷଣା କରି ପଳାଇ ଯାଇଥିଲେ। ଏହାକୁ ଅଧିକାଂଶ ସଦସ୍ୟ ପସନ୍ଦ ନ କରି ପ୍ରତିବାଦ କରିଥିଲେ। ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନରେ ଶିଶିର ପାଢ଼ୀଙ୍କୁ ନୂଆ ସଭାପତି ଭାବେ ଘୋଷଣା କରାଯାଇଥିବା ସମ୍ପାଦକ ନିରଞ୍ଜନ ସୂଚାଇଥିଲେ। ୨୦୧୭ ମାର୍ଚ୍ଚ ୨୩ରେ ଗଞ୍ଜାମ ଓକିଲ ସଂଘ ଆନୁକୂଲ୍ୟରେ ରାଜ୍ୟ ସଂଘର ସ୍ୱତନ୍ତ୍ର ସମ୍ମିଳନୀ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇ ବିଧି ପ୍ରକାରେ ଅନ୍ୟ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା। ଛତ୍ରପୁରରେ ହୋଇଥିବା ୪୫ତମ ଅଧିବେଶନରେ ଆତ୍ମଘୋଷିତ କର୍ମକର୍ତ୍ତାମାନେ ବିବାଦ ସୃଷ୍ଟି କରୁଥିବା ନାୟକ ଅଭିଯୋଗ କରିବା ସହ ଶିଶିର ପାଢ଼ୀଙ୍କ ନେତୃତ୍ୱ ସଂଘ ହିଁ ପ୍ରକୃତ ରାଜ୍ୟ ସଂଘ ହୋଇଥିବା ସୂଚାଇଛନ୍ତି।

